بسم الله الرحمن الرحيم

# ୧ ଅଗଷ୍ଟ ୨୦୧୪ ଖୁତବାଃ ଜୁମାର ସାରାଂଶ

**ସ୍ଥାନ: ମସଜିଦ୍ ବୈତୁଲ୍ ଫୁତୁହ ଲଣ୍ଡନ, ସୌଜନ୍ୟ: ମଜଲିସ୍ ଅନ୍‌ସାରୁଲ୍ଲାଃ, ଭାରତ, କାଦିୟାନ୍**

**ତେଣୁ ଏହା ନିଃସନ୍ଦେହ ଯେ ଆମ ସମସ୍ତଙ୍କୁ ଅନେକ ତ୍ୟାଗ କରିବାକୁ ପଡିବ । ଜମାଅତରୂପୀ ଏହି ଗଛକୁ ଅଲ୍ଲାଃ ସ୍ୱୟଂ ଲଗାଇଛନ୍ତି, ଯାହା ଅଲ୍ଲାଃଙ୍କ କରୁଣାବଳରେ ବଢୁଥିବ, ଫୁଟୁଥିବ ଓ ଫଳୁଥିବ । ଇନ୍‌ସାଅଲ୍ଲାଃ । ଏବଂ ଶତ୍ରୁଙ୍କ ଦ୍ୱାରା ଆମ ପାଇଁ କୁହୁଳିଥିବା ନିଆଁରେ ସେମାନେ ନିଜେ ହିଁ ଜଳୁଥିବାର ଦେଖିବେ । ତା'ନହେଲେ ଅଲ୍ଲାଃତାଲା ସେମାନଙ୍କୁ ବିନାଶ କରିବାର ଅନ୍ୟ କୌଣସି ମାଧ୍ୟମ ସୃଷ୍ଟି କରିବେ ।**

ତଶହହୁଦ୍ ତା'ଉଜ ଓ ସୁରା ଫାତିହା ଆବୃତ୍ତି କରି ସାରି ଆମ ପ୍ରିୟ ହଜୁର[ଅବ] ପବିତ୍ର କୋରାନ୍‌ର ନିମ୍ନରେ ପ୍ରଦତ୍ତ ପଙ୍‌କ୍ତି ପାଠ କଲେ ।

وَالسَّمَآءِ ذَاتِ الْبُرُوْجِ ۙ① وَالْيَوْمِ الْمَوْعُوْدِ ۙ② وَشَاهِدٍ وَّمَشْهُوْدٍ ؕ③ قُتِلَ اَصْحٰبُ الْاُخْدُوْدِ ④ النَّارِ ذَاتِ الْوَقُوْدِ ۙ⑤ اِذْ هُمْ عَلَيْهَا قُعُوْدٌ ۙ⑥ وَّهُمْ
عَلٰى مَا يَفْعَلُوْنَ بِالْمُؤْمِنِيْنَ شُهُوْدٌ ؕ⑦ [٨٥:٤] وَمَا نَقَمُوْا مِنْهُمْ اِلَّاۤ اَنْ يُّؤْمِنُوْا بِاللّٰهِ الْعَزِيْزِ الْحَمِيْدِ ۙ⑧ [٨٥:٨]
الَّذِىْ لَهٗ مُلْكُ السَّمٰوٰتِ وَالْاَرْضِ ؕ وَاللّٰهُ عَلٰى كُلِّ شَىْءٍ شَهِيْدٌ ؕ⑨ اِنَّ الَّذِيْنَ فَتَنُوا الْمُؤْمِنِيْنَ وَالْمُؤْمِنٰتِ ثُمَّ لَمْ يَتُوْبُوْا فَلَهُمْ عَذَابُ
جَهَنَّمَ وَلَهُمْ عَذَابُ الْحَرِيْقِ ؕ⑩ اِنَّ الَّذِيْنَ اٰمَنُوْا وَعَمِلُوا الصّٰلِحٰتِ لَهُمْ جَنّٰتٌ تَجْرِىْ مِنْ تَحْتِهَا الْاَنْهٰرُ ؕ ذٰلِكَ الْفَوْزُ الْكَبِيْرُ ؕ⑪

**ଓସ୍‌ସମା'ଏ ଜାତିଲ୍ ବୁରୁଜ୍ । ୱଲ୍ ୟୋମିଲ୍ ମ'ଉଦ୍ । ୱ ଶାହିଦୁଁ ୱ ମଶ୍‌ହୁଦ୍ । କୁତିଲା ଅସ୍‌ହାବୁଲ୍ ଉଖ୍‌ଦୁଦିନ୍ ନାରି ଜାତିଲ୍ ୱକୁଦ୍ । ଇଜ୍‌ହୁବ୍ ଆଲୈହା କୋଉଦୋଁ ୱହୁମ୍ ଅଲା ମା ୟଫ୍‌ଅଲୁନା ବିଲ୍ ମୁ'ମିନିନା ଶୋହୁଦ୍ । ୱ ମାନକମୁ ମିନ୍‌ହୁମ୍ ଇଲ୍ଲା ଅଇଁ ୟୁ'ମିନୁ ବିଲ୍ଲାହିଲ୍ ଅଜିଜିଲ୍ ହମୀଦ୍ । ଅଲ୍‌ଲଜି ଲହୁ ମୁଲ୍‌କୁସ୍ ସମାଓ୍ୱତି ୱଲ୍ ଅରଜ୍ । ୱଲ୍ଲାହୁ ଅଲା କୁଲ୍‌ଲି ଶୈଇନ୍ ଶହୀଦ୍ । ଇନ୍‌ନଲ୍ ଲଜିନା ଆ'ମନୁ ୱ ଅମିଲୁସ୍ ସା'ଲିହାତି ଲହୁମ୍ ଜନ୍‌ନାତୁନ୍ ତଜ୍‌ରି ମିନ୍ ତହ୍‌ତିହଲ୍ ଅନ୍‌ହାର୍ । ଜାଲିକଲ୍ ଫୌଜୁଲ୍ କବୀର୍ ।।**

ଉପର ଲିଖିତ ଆୟତର ଅନୁବାଦ ଏହିପରି;

'ନକ୍ଷତ୍ରରେ ଭରା ଆକାଶର ରାଣ ଓ ପ୍ରତିଶ୍ରୁତ ଦିବସର ରାଣ ଏବଂ ଏହି ରାଣର ସାକ୍ଷ୍ୟ ଦେଇଥିବା ସେହି ବ୍ୟକ୍ତିଙ୍କ ପାଇଁ ଓ ଯାହାଙ୍କ ସାକ୍ଷ୍ୟ ଦିଆଯିବ ତାଙ୍କ ପାଇଁ ମଧ୍ୟ ।'

'ଗଭୀର ଖାଇର ଲୋକମାନଙ୍କୁ ବିନାଶ କରି ଦିଆଯିବ, ଯେଉଁମାନେ ବହୁତ ଇନ୍ଧନ ଥିବା ନିଆଁ ଜଳାଇଥିବେ । ଆଉ ଯେବେ ସେମାନେ ଏହାର ଚାରିପଟେ ଘେରି ବସିଥିବେ ଏବଂ ସେଥିପାଇଁ ସେମାନେ ସାକ୍ଷୀ ହୋଇ ରହିବେ, ଯାହା ସେମାନେ ବିଶ୍ୱାସକାରୀଙ୍କ ପ୍ରତି କରିବେ ଓ ସେମାନେ ଏଥିପାଇଁ ବିଶ୍ୱାସକାରୀଙ୍କ ପ୍ରତି ବିଦ୍ୱେଷ ଭାବ ରଖିଥିବେ । କାରଣ ସଂପୂର୍ଣ୍ଣ ସ୍ତୁତି ଯୋଗ୍ୟ ଓ ବିଜୟ ମଣ୍ଡିତ ପ୍ରଭୁଙ୍କ ଠାରେ ସେମାନେ ବିଶ୍ୱାସ ସ୍ଥାପନ କରିଛନ୍ତି, ଯାହାଙ୍କର ଆକାଶ ଓ ପୃଥିବୀ ଉପରେ ପୂର୍ଣ୍ଣ କର୍ତ୍ତୃକ ରହିଛି ଓ ସେହି ଶାସନାଧୀଶ ଅଲ୍ଲାଃ ପ୍ରତ୍ୟେକ ବସ୍ତୁ ଉପରେ ସାକ୍ଷୀ ରହିଛନ୍ତି । ନିଃସନ୍ଦେହରେ ଯେଉଁମାନେ ବିଶ୍ୱାସକାରୀ ପୁରୁଷ ଓ ବିଶ୍ୱାସକାରୀ ନାରୀଙ୍କୁ ନିର୍ଯ୍ୟାତନା ପୂର୍ବକ ପରୀକ୍ଷାରେ ପକାଇଲେ, ଅଥଚ ସେଥିପାଇଁ ପ୍ରାୟଶ୍ଚିତ କଲେ ନାହିଁ, ସେମାନଙ୍କୁ ନିଶ୍ଚିତ ରୂପେ ନରକର ଶାସ୍ତି ଭୋଗ କରିବାକୁ ପଡିବ ଏବଂ ସେମାନଙ୍କ ପାଇଁ ଅଗ୍ନିର ଯନ୍ତ୍ରଣା ନିର୍ଦ୍ଦିଷ୍ଟ କରାଯାଇଛି । କିନ୍ତୁ ଏହା ମଧ୍ୟ ନିଃସନ୍ଦେହ ଯେ ଯେଉଁମାନେ ଅଲ୍ଲାଃଙ୍କ ପ୍ରତି ବିଶ୍ୱାସ ଆଣିଛନ୍ତି ଓ ପୁଣ୍ୟ କର୍ମ କରିଛନ୍ତି, ସେମାନଙ୍କ ସକାଶେ ଏପରି ସ୍ୱର୍ଗ ରହିଛି ଯାହାର ନିମ୍ନଭାଗରେ ଝରଣା ପ୍ରବାହିତ ହେଉଥିବ । ଏହା ହିଁ ବହୁତ ବଡ ସଫଳତା' । **(ଅଲ୍-ବୁରୁଜ:୨-୧୨)**

ଏବେ ମୁଁ ଯେଉଁ ଆୟତ ପାଠ କଲି, ତାହାର ଭାବାର୍ଥ ପାକିସ୍ତାନର ଗୁଜରାନ୍‌ୱାଲା ଠାରେ ନିର୍ଦ୍ଦୋଷ ଅହମଦିମାନଙ୍କ ଉପରେ ଘଟିଥିବା ଘଟଣାର ନକ୍‌ସାକୁ ଅବିକଳ ଭାବେ ଦର୍ଶାଉଛି । ଏହି ଘଟଣା ଅହମଦିୟତ ଓ ହଜରତ ମସିହ ମଉଦ[ଅ]ଙ୍କ ସତ୍ୟତାର ପ୍ରମାଣ ସ୍ୱରୂପ ଏପରି ଏକ ଦୃଷ୍ଟାନ୍ତ ହୋଇଛି ଯେ ଯଦି କୌଣସି ନ୍ୟାୟବନ୍ତ ମୁସଲମାନ ସୁରା 'ଅଲ୍-ବୁରୁଜ୍' ଉପରେ ଗଭୀର ଭାବେ ଚିନ୍ତା କରିବ, ତା'ହେଲେ ଅହମଦିମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ବାସ୍ତବିକତାକୁ ଉପଲବ୍ଧି କରିପାରିବ । ବିଶେଷତଃ ଏପରି ଅତ୍ୟାଚାର

ବାରମ୍ବାର କାହିଁକି ହେଉଛି, ତାହାର ଗୁଢ ଭେଦକୁ ଜାଣିପାରିବ, ଯାହା ଅହମଦିଙ୍କ ବିରୁଦ୍ଧରେ ତାଙ୍କର ଓଲମା (ଧର୍ମବିଦ୍ୱାନ ଗଣ), ଧାର୍ମିକ ନେତା, ରାଜନେତା ତଥା ତାଙ୍କ ସରକାର ନିଜ ଫାଙ୍କା ବୟାନ ବାଜି କରିବାରେ ଏବଂ ଆଚରଣରେ ଦେଖାଉଛନ୍ତି । ଏହି ଭେଦ ଖୋଲିଗଲେ ସେମାନେ ଅତ୍ୟାଚାରୀଙ୍କ ସହିତ ବା ସେମାନଙ୍କ ଚେଲାଙ୍କ ସହିତ ଏହି ଜଘନ୍ୟ କାର୍ଯ୍ୟରେ ସାମିଲ ନ ହୋଇ ହଜରତ ମସିହ ମଉଦ୍‌ଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରି ଦିଅନ୍ତେ । କିନ୍ତୁ ପ୍ରଭୁଙ୍କ ବାକ୍ୟକୁ ବୁଝିବା ପାଇଁ ମଧ୍ୟ ଜଣେ ଐଶୀ ପୁରୁଷଙ୍କ ଆବଶ୍ୟକତା ଅଛି । ଅଥଚ ଏହି ଲୋକମାନଙ୍କର ଅବସ୍ଥା ଏପରି ହେଲାଣି ଯେ ସେମାନେ ଆମ କଥାକୁ ଶୁଣିବା ପାଇଁ ଆଦୌ ପ୍ରସ୍ତୁତ ନୁହନ୍ତି । ଏଥିଯୋଗୁଁ ସେମାନେ ଅତ୍ୟାଚାର କରିବାରେ ବଢି ଚାଲିଛନ୍ତି । ତେବେ ମୁଁ ଉପରୋକ୍ତ ଆୟତ୍ ଗୁଡିକର ସଂକ୍ଷେପରେ ବିଶ୍ଳେଷଣ କରିଦେଉଛି । ନକ୍ଷତ୍ରଯୁକ୍ତ ଯେଉଁ ଆକାଶର ରାଣ ପକାଯାଇଛି, ତାହାର ତାତ୍ପର୍ଯ୍ୟ ହେଉଛି ଯେ ଜ୍ୟୋତିର୍ବିଜ୍ଞାନୀଙ୍କ କହିବା ଅନୁସାରେ ଆକାଶରେ ବାରଗୋଟି ନକ୍ଷତ୍ର ମଣ୍ଡଳ ରହିଛି, ତାରକା ପିଣ୍ଡ ରହିଛନ୍ତି ବା ଗ୍ରହାଣୁପୁଞ୍ଜ ରହିଛନ୍ତି ଇତ୍ୟାଦି । ଏହାକୁ ଉପମାସୂଚକ ଅର୍ଥରେ ନିଆଗଲେ ଏଠାରେ ତାହା ବାର ଜଣ ଆଧ୍ୟାତ୍ମିକ ନକ୍ଷତ୍ରଙ୍କୁ ବୁଝାଉଛି, ଯାହାକୁ ଇସଲାମ ଇତିହାସରେ ମୋଜଦ୍‌ଦିଦ୍ ଅର୍ଥାତ୍ ପ୍ରତ୍ୟେକ ଶଦିରେ ଜଣେ ସୁଧାରକଙ୍କ ଆସିବା ସମ୍ବନ୍ଧରେ କୁହାଯାଇଛି । ସେମାନେ ଇସଲାମ ଆକାଶରେ ସୂର୍ଯ୍ୟ ଅସ୍ତମିତ ହେବା ପରେ ନକ୍ଷତ୍ର ସଦୃଶ ନିଜ ଆଲୋକର ଚମକ ଦେଖାଇଲେ, କିଛି ସମୟ ପର୍ଯ୍ୟନ୍ତ ପ୍ରକାଶମାନ ହେଲେ । ଶହେ ବର୍ଷର ଏହି ଅବଧି ସମ୍ବନ୍ଧରେ ହଦିସମାନଙ୍କରେ ଉଲ୍ଲେଖ ରହିଛି ଓ ପୁରାତନ ମୁସଲିମ ଓଲମା ମଧ୍ୟ ଏ କଥା ବର୍ଣ୍ଣନା କରିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ବାର ଶଦି (ଶତାବ୍ଦୀ) ମଧ୍ୟରେ ଇସଲାମ୍‌ର ଅନ୍ଧକାର ସମୟରେ ବାରଥର ଇସଲାମ ଜ୍ୟୋତିର କିରଣକୁ ବିଚ୍ଛୁରିତ କରିବା ପାଇଁ ଅଲ୍ଲାଃତାଲା ଯେଉଁ ମହର୍ଷିମାନଙ୍କୁ ପଠାଇଥିଲେ ସେମାନଙ୍କୁ ତ ମୁସଲମାନମାନେ ମାନୁଛନ୍ତି, କିନ୍ତୁ ଯେବେ ଅଲ୍ଲାଃ କହୁଛନ୍ତି ଯେ وَالْيَوْمِ الْمَوْعُودِ **'ୱଲ୍ ୟୋମିଲ୍ ମ'ଉଦ୍'** ଅର୍ଥାତ୍ ରାଣ ପକାଇ ଯେଉଁ ଦିନର ପ୍ରତିଶ୍ରୁତି ଦିଆଯାଉଛି ଯେ ତେର ଶଦିରେ (ତେର ଶହ ବର୍ଷ ପରେ) ଅଲ୍ଲାଃଙ୍କ ସେହି ପ୍ରତିଶ୍ରୁତି ଅନୁଯାୟୀ ଜଣେ ମଉଦ୍ ବା ପ୍ରତିଶ୍ରୁତ ଅବତାର ଆସିଛନ୍ତି, ତାହାଙ୍କୁ ସେମାନେ ଅମାନ୍ୟ କରିବାରେ ଲାଗିଛନ୍ତି । ପୁଣି ଅଲ୍ଲାଃତାଲା କହୁଛନ୍ତି, ସେହି 'ୟୋମିଲ୍ ମଉଦ୍' ସମୟରେ ଅର୍ଥାତ୍ ମସିହ ମଉଦ୍‌ଙ୍କ ଯୁଗରେ ଇସଲାମକୁ ପୁନର୍ଜୀବିତ କରାଯିବା ନିଶ୍ଚିତ ହେବ । ଇସଲାମ୍‌ର ନବ ଉନ୍ମେଷ ଘଟିବ ଓ ଏହି ଧର୍ମ ନୂଆ ଜୀବନ ଲାଭ କରିବ । ଏହି ନୂତନ ଯୁଗ ଯେତେବେଳେ ଆରମ୍ଭ ହେବ, ଯେଉଁ ବିଶ୍ୱାସକାରୀ ଧର୍ମନିଷ୍ଠ ବ୍ୟକ୍ତିମାନେ ମସିହ ମଉଦଙ୍କୁ ମାନିବେ, ସେମାନଙ୍କୁ ଅତି ବଡ ଧରଣର ତ୍ୟାଗ ମଧ୍ୟ ଦେବାକୁ ପଡିବ । ତେଣୁ କୁହାଯାଇଛି:- قُتِلَ أَصْحَابُ الْأُخْدُودِ **'କୁତିଲା ଅସହାବୁଲ୍ ଉଖ୍‌ଦୁଦ୍'** । 'ଖାଇ ମଧ୍ୟରେ ପକାଉଥିବା ଦୁଷ୍ଟ ଲୋକମାନଙ୍କୁ ଧ୍ୱଂସ କରି ଦିଆଯିବ' । النَّارِ ذَاتِ الْوَقُودِ **'ନାରେ ଜା'ତିଲ୍ ୱକୁଦ୍'** ଅର୍ଥାତ୍ 'ବହୁତ ପରିମାଣରେ ଇନ୍ଧନ ଦେଇ ନିଆଁ ଜଳାଉଥିବା ବ୍ୟକ୍ତିମାନେ' । ପୁଣି ଲେଖାଅଛି: إِذْ هُمْ عَلَيْهَا قُعُودٌ **'ଇଜ୍ ହୁମ୍ ଅଲୈହା କୋଉଦ୍'**- 'ଯେତେବେଳେ ସେମାନେ ଚାରିପଟକୁ ଘେରି ବସିଥିବେ' । ଏହି ବାକ୍ୟ ବିରୁଦ୍ଧାଚରଣ ଗୋଷ୍ଠିଙ୍କ ପ୍ରତି ଅଭିପ୍ରେତ କରାଯାଇଛି ଏବଂ କୁହାଯାଇଛି ଯେ ସେହି ଦୁଷ୍ଟ ଲୋକମାନେ ମୋମିନ୍(ବିଶ୍ୱାସକାରୀ)ମାନଙ୍କୁ ଅଗ୍ନିର ଲେଲୀହାନ ଶିଖା ମଧ୍ୟରେ ଫିଙ୍ଗି ଦେବେ ଓ ଏହି ଦୃଶ୍ୟକୁ ବସି ଉପଭୋଗ କରୁଥିବେ, ଅଟ୍ଟହାସ୍ୟ କରି ମଜା ଦେଖୁଥିବେ । ତେବେ ଏପରି ଘଟିବା ନିଶ୍ଚିତ ବୋଲି କୁହାଯାଇଛି, ଯାହାର ଫଳ ସ୍ୱରୂପ ଏହାର କୁପରିଣାମ ମଧ୍ୟ ବିରୁଦ୍ଧାଚରଣ ବ୍ୟକ୍ତି ଭୋଗ କରିବେ ଓ ସେମାନେ ବିନାଶ ହେବେ ।

ସୁତରାଂ ମୋମିନ୍‌ମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଏପରି ଭୟାନକ ଦୁଃଖ ଯାତନାର ଶିକାର ହେବାକୁ ପଡିବ । ସେମାନଙ୍କୁ ବିରୋଧିମାନଙ୍କ ଅତ୍ୟାଚାର ଓ ଜୁଲୁମ୍‌କୁ ବରଦାସ୍ତ କରିବାକୁ ହେବ । ଏ ସମ୍ବନ୍ଧରେ ମସିହ ମଉଦ୍ ଆମର ଧ୍ୟାନ ଆକର୍ଷଣ କରି କହିଛନ୍ତି ଯେ ଇସଲାମର ଉନ୍ନତି ଆମଠାରୁ କିଛି ପ୍ରତିଦାନ ଚାହୁଁଛି, ବଳିଦାନ ଆଶା କରୁଛି । ତେବେ ତାହା କ'ଣ ? ତାହା ହେଉଛି ଏହି ପଥରେ ଜୀବନ ଦେବା ଓ ମୃତ୍ୟୁବରଣ କରିବା । ଉପର ଆୟତରେ କୁହାଯାଇଛି ଯେ ଅତ୍ୟଧିକ ଇନ୍ଧନ ସୃଷ୍ଟିକାରୀ ଅଗ୍ନିକୁ ତୁମ ବିରୁଦ୍ଧରେ ପ୍ରଜ୍ୱଳିତ କରାହେବ । ସେହି ଅଗ୍ନିରେ ଥରକୁ ଥର ଇନ୍ଧନ ଯୋଗାଇ ଦିଆଯାଉଥିବ । ସେମାନଙ୍କ ଦ୍ୱାରା କୁହୁଳିଥିବା ସେହି ନିଆଁରେ ପକାଇ ଦଗଧିଭୂତ କରିବାକୁ ସେମାନେ ଚେଷ୍ଟା କରିବେ ଏବଂ ସେହି ଦୃଶ୍ୟକୁ ପରିହାସର ନାଟକ କରି ତାକୁ ଦେଖିବା ପାଇଁ ଚାରିପଟରୁ ଘେରି ବସିଥିବେ । ସତେ ଯେପରି ଚାରିଆଡେ ଖାଇ ଖୋଳାଯାଇ ସେହି ଧର୍ମନିଷ୍ଠ ବ୍ୟକ୍ତିମାନଙ୍କୁ ତାହା ମଧ୍ୟରେ ସୀମାବଦ୍ଧ କରି ରଖିବେ ଓ ନିଆଁରେ ଜଳାଇ ମାରିବାକୁ ଉଦ୍ୟମ କରିବେ । କିନ୍ତୁ ଅଲ୍ଲାଃତାଲା ପୂର୍ବରୁ ଏହା ସୂଚନା ଦେଇଛନ୍ତି ଯେ ସେଥିପାଇଁ ହୀନ ଉଦ୍ୟମ କରୁଥିବା ବ୍ୟକ୍ତି ନିଜେ ହିଁ ସେହି ନିଆଁରେ ଜଳିପୋଡି ମରିଯିବେ ।

ପୁଣି ହଜୁର୍ କହିଲେ, ସେହି ଘଟଣାର ଭିଡିଓ ଫିଲ୍‌ମରୁ ସେମାନଙ୍କ ଉଦ୍‌ଭ୍ରାନ୍ତ ଚେହେରା ସ୍ପଷ୍ଟ ବାରିହୋଇ ପଡୁଛି ଯେ ସେମାନେ କେତେ ଅଲାଜୁକ, ନା କୌଣସି ଲଜ୍ଜ୍ୟା ନା ମଣିଷପଣିଆ । ସେମାନଙ୍କ କଥା, ନାରାବାଜି କିମ୍ବା କାର୍ଯ୍ୟକଳାପ ସବୁରି ମଧ୍ୟେ ରହିଛି ଶତ୍ରୁତାର ଚରମଛାୟା । ହିଂସା ଓ କ୍ରୋଧର ଉଗ୍ରରୂପ । ନରହନ୍ତା ପିଶାଚର ବିଳାପ । ପରିତାପର ବିଷୟ ଯେ ଯାହା କିଛି ହେଉଛି ସବୁ ସେହି ଅଲ୍ଲାଃ ଓ ତାଙ୍କ ରସୁଲ୍‌ଙ୍କ ନାମରେ । ଲମ୍ବା ସମୟ ପର୍ଯ୍ୟନ୍ତ ବସି ରହିବାକୁ 'କୋଉଦ୍' କୁହାଯାଏ । ନିରିହ ଲୋକଙ୍କୁ ଯନ୍ତ୍ରଣା ଦେବାର ମସୁଧାକୁ ଲମ୍ବା କରିବାର ପରିକଳ୍ପନା ।

ଏକ ପକ୍ଷେ ସେମାନଙ୍କର ମିଥ୍ୟା, ଧୋକାବାଜି ଓ କ୍ଳେଶ ଦେବାର ଦୁର୍ବୁଦ୍ଧି ଦୀର୍ଘ ସମୟ ପର୍ଯ୍ୟନ୍ତ ବଢିଚାଲୁଥିବ, ଅପରପକ୍ଷେ ଧର୍ମବିରୋଧି ଗୋଷ୍ଠି ଆଗକୁ ଜନ୍ମ ନେଉଥିବେ । ସେମାନଙ୍କ ମୌଲାନା ଭଲ ଭାବେ ଜାଣିଛନ୍ତି ଯେ ସେମାନେ ମିଥ୍ୟାର ଆଶ୍ରୟ ନେଉଛନ୍ତି ।

ମିଥ୍ୟାରେ ଆରୋପ କରିବା ବ୍ୟତୀତ ହଜରତ ମସିହ ମଉଦ[ଅସ]ଙ୍କ ଦାବିକୁ ଖଣ୍ଡନ କରିବା ଏବଂ ଭୁଲ ବୋଲି ପ୍ରମାଣିତ କରିବାର ସତ୍‌ସାହାସ ସେମାନଙ୍କର ନାହିଁ । ଆଜିକାଲି ପାକିସ୍ତାନର ପ୍ରତି ସହର, ପ୍ରତି ବଜାର ଓ ଗଳିକନ୍ଦିରେ, ସରକାରୀ କୋଠା, ଅଫିସ୍ ବାହାର କାନ୍ଥରେ ଏପରିକି ହାଇକୋର୍ଟ ବାହାରେ ମଧ୍ୟ ମିଥ୍ୟାରେ ଭରପୂର ଉତ୍ତେଜନାମୂଳକ ପୋଷ୍ଟର,ଇସ୍ତହାର ଲଗାଯାଉଛି । ପତ୍ରପତ୍ରିକା ମାଧ୍ୟମରେ ଗାଳିଗୁଲଜ କରି ଲେଖାଯାଉଛି । ଅହମଦିୟତ ବିରୁଦ୍ଧରେ ନାନା ଅବାନ୍ତର ଓ କୁତ୍ସିତ ମନ୍ତବ୍ୟମାନ ଦେଇ ଅଶ୍ଳୀଳ ପ୍ରଚାର ପତ୍ର ବଣ୍ଟାଯାଉଛି । ଏପରି ଭିତ୍ତିହୀନ ମନ୍ତବ୍ୟ ଯାହାର ଅହମଦୀୟା ସିଦ୍ଧାନ୍ତ ସହିତ ତିଳେ ହେଲେ ସଂପୃକ୍ତ ନାହିଁ, ତାହାକୁ ସେମାନେ ନିର୍ଭିକ ହୋଇ ପ୍ରଚାର କରୁଛନ୍ତି । ସେମାନଙ୍କର ଏତାଦୃଶ ଆଚରଣ ପ୍ରତି ଲକ୍ଷ୍ୟ କରି ହଜରତ ମସିହ ମଉଦ[ଅସ] ନିଜ ଜମାଅତ ପ୍ରତି ସାନ୍ତ୍ୱନାର ବାଣୀ ଏହିପରି ପ୍ରଦାନ କରିଛନ୍ତି:

'ତୁମେ ଏହି ଧାରଣା ମନକୁ ଆଣ ନାହିଁ ଯେ ପ୍ରଭୁ ତୁମକୁ ନଷ୍ଟ କରିଦେବେ । ତୁମେମାନେ ଅଲ୍ଲାଃଙ୍କ ସ୍ୱହସ୍ତରେ ରୋପଣ କରାଯାଉଥିବା ବୀଜ ସଦୃଶ, ଯାହାକୁ ଭୂ-ପୃଷ୍ଠରେ ଅଙ୍କୁରୋଦ୍‌ଗମ କରାଯାଇଛି । ପ୍ରଭୁ କହିଛନ୍ତି ଯେ ଏହି ବୀଜ ବଢିବ, ଗଛ ହେବ ଓ ଏହାର ଶାଖା ପ୍ରଶାଖା ପ୍ରତ୍ୟେକ ଦିଗକୁ ମେଲିଯିବ । ଏପରିକି ତାହା ଏକ ବିଶାଳ ବୃକ୍ଷରେ ପରିଣତ ହୋଇଯିବ' । ସେହି ବ୍ୟକ୍ତି ହେଉଛି ଭାଗ୍ୟବାନ୍, ଯିଏ ପ୍ରଭୁ ବାକ୍ୟ ଉପରେ ଆସ୍ଥା ପ୍ରକଟ କରେ ଏବଂ ମଧ୍ୟାନ୍ତରରେ ଆସୁଥିବା ବିପତ୍ତିକୁ ଭୟ କରେନାହିଁ । ସୁତରାଂ ଏହା ନିଃସନ୍ଦେହ ଯେ ଆମ ସମସ୍ତଙ୍କୁ ଅନେକ ତ୍ୟାଗ କରିବାକୁ ପଡିବ । ଜମାଅତରୂପୀ ଏହି ଗଛକୁ ଅଲ୍ଲାଃ ସ୍ୱୟଂ ଲଗାଇଛନ୍ତି, ଯାହା ଅଲ୍ଲାଃଙ୍କ କରୁଣାବଳରେ ବଢୁଥିବ, ଫୁଟୁଥିବ ଓ ଫଳୁଥିବ । ଇନ୍‌ସାଅଲ୍ଲାଃ । ଏବଂ ଶତ୍ରୁଙ୍କ ଦ୍ୱାରା ଆମ ପାଇଁ କୁହୁଳିଥିବା ନିଆଁରେ ସେମାନେ ନିଜେ ହିଁ ଜଳୁଥିବାର ଦେଖିବେ । ତା'ନହେଲେ ଅଲ୍ଲାଃତାଲା ସେମାନଙ୍କୁ ବିନାଶ କରିବାର ଅନ୍ୟ କୌଣସି ମାଧ୍ୟମ ସୃଷ୍ଟି କରିବେ । 'କୁତିଲା ଅସହାବୁଲ୍ ଉଖ୍‌ଦୁଦ୍' ମଧ୍ୟରେ ଏକ ମହାନ ଭବିଷ୍ୟବାଣୀ ଜମାଅତ ଅହମଦୀୟାର ସମର୍ଥନରେ ପୂରଣ ହେବାରେ ଲାଗିଛି ଓ ପୂରଣ ହେଉଥିବ ମଧ୍ୟ । ୧୨୫ ବର୍ଷର ଅହମଦୀୟା ଜମାଅତର ଇତିହାସ ଓ ଏହାର ପ୍ରଗତିରୁ ସେମାନେ ଏହି ଶିକ୍ଷା ଲାଭ କରିବା ଉଚିତ ଯେ ଏହା କୌଣସି ମନୁଷ୍ୟର କାମ ନୁହେଁ ବରଂ ସ୍ୱୟଂ ଈଶ୍ୱରଙ୍କ କାର୍ଯ୍ୟ । ତାହାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରି ସେମାନେ ଅଯଥା ପ୍ରଭୁଙ୍କ ଅସନ୍ତୋଷର ବହ୍ନିରେ କବଳିତ ହେଉଛନ୍ତି । ଈଶ୍ୱରଙ୍କ ଶାସ୍ତି ଓ ଅଭିଶାପକୁ ସେମାନେ କିପରି ଆମନ୍ତ୍ରଣ କରୁଛନ୍ତି ତାହା ସେମାନଙ୍କୁ ଜଣାନାହିଁ ।

ସୁତରାଂ ଅଲ୍ଲାଃ କହୁଛନ୍ତି, 'ମୋର ବିଶ୍ୱସ୍ତ ଅହମଦି ଭକ୍ତ ଯେଉଁମାନେ ଏକେଶ୍ୱରବାଦର ପ୍ରତିଷ୍ଠା ଓ ମୋର ଅନ୍ତିମ ନବିଙ୍କ ଗାରିମା ଓ ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଲାଗିଛନ୍ତି, ସେମାନଙ୍କୁ ଦୁଃଖ ଦେବା, ଶରୀରକୁ ଜଳାଇବା, ସେମାନଙ୍କ ଘର ଜଳାଇବା ତଥା ନାନା ମିଛ କଥା କହି ତାଙ୍କ ହୃଦୟକୁ ଜଳାଇବା ଲୋକଙ୍କୁ ମୁଁ କେବେହେଲେ ଛାଡିବି ନାହିଁ । ସେମାନଙ୍କୁ ନିଶ୍ଚିନ୍ତ ଭାବେ ନରକର ଅଗ୍ନିରେ ପକାଇବି ।' ତୌବା ବା ପ୍ରାୟଶ୍ଚିତ ନ କଲା ପର୍ଯ୍ୟନ୍ତ ସେମାନେ ଅଲ୍ଲାଃଙ୍କ ମହାକୋପରୁ ବର୍ତ୍ତିଯାଇ ପାରିବେ ନାହିଁ ।

ଏହାପରେ ହଜୁର[ଅବ] କହିଲେ, ଶତ୍ରୁମାନେ ନିଆଁରେ ଜାଳିବା ପ୍ରକ୍ରୀୟା ଆରମ୍ଭ କରିଦେଲେ ଓ ତାହା କିପରି ନ ଲିଭିବ, ତାକୁ ମଧ୍ୟ ଜଗି ରହିଲେ । କିନ୍ତୁ ଅଲ୍ଲାଃତାଲା କହୁଛନ୍ତି ଯେ ଏହି ଅତ୍ୟାଚରିତ ମାନଙ୍କ ପାଇଁ ଏପରି ସ୍ୱର୍ଗ ପ୍ରସ୍ତୁତ ହୋଇ ରହିଛି, ଯହିଁରେ ମଧୁବନ ଉଦ୍ୟାନର ଶାଖା ପ୍ରଶାଖା ପରସ୍ପର ଛନ୍ଦି ହୋଇ ରହିଥିବ । ଶୀତଳ ଛାୟା ପ୍ରଦାନକାରୀ ବୃକ୍ଷ ଯାହାର ନିମ୍ନଦେଶରେ ଅମୃତର ନିର୍ଝର ବୋହୁଥିବ । ତେବେ ଏହି ପ୍ରଭେଦ ରହିଛି ଉଭୟ ପ୍ରକାର ଲୋକଙ୍କ ମଧ୍ୟରେ । ନିଆଁ ଲଗାଉଥିବା ବ୍ୟକ୍ତିର କୁକର୍ମର ପରିଣାମ ଏବଂ ସେହି ନିଆଁରେ ଦଗ୍ଧିଭୂତ ହେଉଥିବା ଅତ୍ୟାଚରିତ ବିଶ୍ୱାସକାରୀମାନଙ୍କ ତ୍ୟାଗପୂତ କର୍ମର ପରିଣାମ ମଧ୍ୟରେ । ଆମେ ସେହି ଦୁର୍ଦ୍ଧାନ୍ତ ଅତ୍ୟାଚରୀଙ୍କ ବିରୁଦ୍ଧରେ ଅଲ୍ଲାଃଙ୍କ ନିକଟରେ ସହାୟତା ଭିକ୍ଷା କରି ଅତୀତରେ ବିନୟର ସହିତ ମସ୍ତକ ନୁଆଁଉଥିଲୁ ଓ ଆଜି ମଧ୍ୟ ତାହାଙ୍କ ଆଗରେ ମସ୍ତକ ପ୍ରଣିପାତ କରୁଛୁ ।

ସୁତରାଂ ଏହାର ପରିଣାମ ପ୍ରତ୍ୟେକ କ୍ଷେତ୍ରରେ ଅଲ୍ଲାଃଙ୍କ ସମର୍ଥନକୁ ବ୍ୟକ୍ତ କରୁଛି । ତେଣୁ ନିଆଁ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବିଶ୍ୱାସକାରୀ ବ୍ୟକ୍ତିମାନଙ୍କ ପାଇଁ ଶୀତଳ ଛାୟାପ୍ରଦ ବୈକୁଣ୍ଠ ଅପେକ୍ଷା କରିରହିଛି । ଆଜି ଆମେ ଦେଖିପାରୁଛୁ ଯେ ଆମର ଶହିଦ୍ ହୋଇଥିବା ଲୋକମାନେ ଅଲ୍ଲାଃଙ୍କ ପାଖରେ ରହି ସ୍ୱର୍ଗପୁରୀରେ ବିଚରଣ କରିବାରେ ଲାଗିଛନ୍ତି । ଏହା ଅହମଦିୟା ଇତିହାସରେ ପ୍ରଥମ ଶହୀଦ ହେବା ଘଟଣା ଯହିଁରେ ପ୍ରାଣବଳୀ ଦେଇଥିବା ମନୁଷ୍ୟ କେବଳ ମହିଳା ଓ ପିଲା ଥିଲେ । କୌଣସି ପୁରୁଷ ସେମାନଙ୍କ ଭିତରେ ନଥିଲେ । ତେବେ ସେହି ନିରୀହ ପ୍ରାଣୀଙ୍କ କୁର୍‌ବାନୀ କେବେ ବ୍ୟର୍ଥ ହେବ ନାହିଁ । ସେହି ଘଟଣା ସମ୍ବନ୍ଧରେ ମୁଁ ଆପଣଙ୍କ ସମ୍ମୁଖରେ ବ୍ୟକ୍ତ କରୁଛି ।

ଶହୀଦମାନଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି, ଯାହାଙ୍କ ନାମ ବୁଶ୍‌ରା ବେଗମ ସାହେବା । ସେ ସ୍ୱର୍ଗତ ମୁନୀର ଅହମଦ୍ ସାହେବଙ୍କ ପତ୍ନୀ ଥିଲେ । ପିଲାଙ୍କ ମଧ୍ୟରେ ଶ୍ରୀଯୁକ୍ତ ମୁହମ୍ମଦ ବୁଟା ସାହେବଙ୍କ ଦୁଇ ଝିଅ ଅଛନ୍ତି, ହେରା ତଓ୍ୱସୁମ୍ ଓ କାଏନାତ୍ ତଓ୍ୱସୁମ୍ । ଆଗରୁ ଏହି ଘଟଣା ସମ୍ବନ୍ଧରେ ପ୍ରାୟ ସମସ୍ତେ ଜାଣିଛନ୍ତି । ତଥାପି ମୁଁ ସଂକ୍ଷେପରେ ଏହାକୁ ବର୍ଣ୍ଣନା କରୁଛି ।

ଗୁଜରାନ୍‌ୱାଲାର ଅରଫାତ୍ କଲୋନୀରେ ଅହମଦି ରହୁଥିବା ଘର ଉପରେ ୨୭ ଜୁଲାଇ ୨୦୧୪ ଦିନ ବିରୁଦ୍ଧାଚରଣକାରୀମାନେ ଆକ୍ରମଣ କଲେ । ଯାହାକୁ ସାମ୍ନା କରି ୫୫ବର୍ଷରେ ବୟସ୍କା ମହିଳା ଜଣକ ଓ ୬ ବର୍ଷ ଓ ୮ ବର୍ଷର ବାଳିକା ଦୁଇଜଣ ଜୀବନ୍ତ ଦଗ୍ଧ ହୋଇଥିଲେ । إِنَّا لِلّٰهِ وَإِنَّا إِلَيْهِ رَاجِعُونَ **'ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହେ ରାଜେଉନ୍'** । ବିବରଣୀରୁ ଜଣାପଡେ ଯେ ଶହୀଦ୍ ସ୍ୱର୍ଗୀୟା ମହିଳାଙ୍କ ପୁତ୍ର ମୁହମ୍ମଦ ଅହମଦ ସାହେବ ଅଫତାରି କରିସାରିବା ପରେ ନିକଟସ୍ଥ ଏକ କ୍ଲିନିକକୁ ଔଷଧ ଆଣିବାକୁ ଯାଇଥିଲେ । ସେଠାରେ ସେ ଦେଖିଲେ ଯେ ତାଙ୍କ କକାପୁଅ ଭାଇ ଓ୍ୱକାସ ଅହମଦ୍‌ଙ୍କୁ କେତେକ ଲୋକ ଅଟକାଇଛନ୍ତି । କଥା କଣ ତାହା ଜାଣିବା ପାଇଁ ସେ ଯାଇ ପଚାରିବାରୁ ସେମାନେ ଅଭଦ୍ର ଭାଷାରେ ଗାଳିଗୁଲଜ ଆରମ୍ଭ କରିଦେଲେ ଓ ମିଥ୍ୟାରେ ଆରୋପ ଲଗାଇ କହିଲେ ତୁମର ଜଣେ ଯୁବକ ଫେସବୁକ୍‌ରେ ଖାନା କା'ବା ଛବିକୁ ଅପମାନିତ କରିଛନ୍ତି । ସେ ଉତ୍ତର ଦେଲେ, 'ଅଲ୍ଲାଃଙ୍କ ଶରଣାଗତ ହୋଇ କହୁଛି ଯେ ଏହା ଭାବିବା ମଧ୍ୟ ଆମ ପକ୍ଷେ ଦୂରୁହ ବ୍ୟାପାର ।' ତେବେ କିଛି ସମୟ ପାଇଁ ଏହାର ସମାଧାନ ଅବଶ୍ୟ ହୋଇଗଲା । କିନ୍ତୁ ଅଳ୍ପ କିଛି ସମୟ ଯାଇଛି କି ନାହିଁ କ୍ଲିନିକରେ ଥିବା ଡାକ୍ତର ବାବୁ ମହମ୍ମଦ ବୁଟା ଓ ଫଜିଲ୍ ଅହମଦ୍ ସାହେବକୁ ଫୋନ ଯୋଗେ ଜଣାଇଲେ ଯେ ଏଠାରେ ଲୋକମାନେ ମେଳି ହୋଇ ତୁମ ଘର ଉପରେ ଆକ୍ରମଣ କରିବା ସକାଶେ ଶୋଭାଯାତ୍ରା ବାହାର କରି ଆସୁଛନ୍ତି । ସେଠାକାର ବଣିକ ସଂଘ ପକ୍ଷରୁ ଦୋକାନ ସବୁ ତୁରନ୍ତ ବନ୍ଦ କରିବା ପାଇଁ ଡାକରା ଦିଆଗଲା । ତେବେ ଯୋଜନାବଦ୍ଧ ଭାବେ ଆଗରୁ ଏହା ପ୍ରସ୍ତୁତ ହୋଇ ସାରିଥିଲା । ଏହି ଖବର ମିଳିବା ପରେ ନିଜ ଜୀବନ ବଞ୍ଚାଇବା ପାଇଁ ୧୫ଟି ଗୃହର ପରିବାର ଲୋକେ ନିଜ ଘରୁ ବାହାରି ଆସିଲେ । ମୁହମ୍ମଦ ବୁଟା ସାହେବ ତଥା ଅନ୍ୟ ଦୁଇ ଘରର କିଛି ଲୋକ ରହିଯାଇଥିଲେ । ପ୍ରାୟ ରାତି ସାଢେ ଆଠଟା ବେଳେ ଶୋଭାଯାତ୍ରାରେ ବାହାରିଥିବା ଉତ୍‌କ୍ଷୀପ୍ତ ଲୋକେ ଅହମଦିମାନଙ୍କ ଘର ଉପରେ ଅଚାନକ ଆକ୍ରମଣ କଲେ, ନାରାବାଜି କଲେ ଓ ଆଖିବୁଜା ଗୁଳିଚାଳନା ଆରମ୍ଭ କରିଦେଲେ । ବନ୍ଦ ଝରକା ଓ ଦ୍ୱାରକୁ ପିଟି ଭାଙ୍ଗିଦେଲେ । ସେମାନେ ଚାରିପଟରୁ ଏକା ସଙ୍ଗେ ମେଣ୍ଟ ହୋଇ ଆକ୍ରମଣ ଆରମ୍ଭ କରିଦେଲେ । ଏହା ଦେଖି ଜମାଅତର ସଦର୍ ତୁରନ୍ତ S.H.O. People Colony କୁ ଜଣାଇଲେ । ସେ କହିଲେ, 'ତୁମେ ବ୍ୟସ୍ତ ହୁଅ ନାହିଁ, ମୁଁ ପୋଲିସ୍ ଦଳ ସହିତ ଏଠାରେ ଅଛି । ଆକ୍ରମଣକାରୀଙ୍କୁ ଗିରଫ କରିବା ପାଇଁ ମୁଁ ନିଜ ସହିତ ନେଇ ଯାଉଛି ।' କିନ୍ତୁ ପ୍ରକୃତରେ ସେ ବ୍ୟକ୍ତି ନେଲା ନାହିଁ । ଫଳରେ ସେମାନେ ଦ୍ୱିତୀୟ ଥର ଆକ୍ରମଣ କରି ହାତରେ ଧରିଥିବା ଗଇଁତି, ହାତୁଡି, ଶାବଳ ଦ୍ୱାରା ଘରେ ପଶି ଭଙ୍ଗାରୁଜା ଆରମ୍ଭ କରିଦେଲେ ।

ସେହି ଦୁର୍ବୃତ୍ତମାନେ ଆସି ପ୍ରଥମେ ବିଜୁଳି ମିଟର ଭାଙ୍ଗି ତାର କାଟିଦେଲେ । ତେବେ ଅବସ୍ଥା ଗମ୍ଭୀର ହୋଇଯିବାରୁ ସଦର୍ ସାହେବ ତଥା ତାଙ୍କ ଭାଇଙ୍କ ପରିବାର ବର୍ଗ ପଡୋଶି ଅଣ-ଅହମଦି ମୁସଲମାନଙ୍କ ଘରେ ଯାଇ ଆଶ୍ରୟ ନେଲେ । ସେମାନେ ଭଦ୍ରଲୋକ ବୋଲି ଏମାନଙ୍କୁ ନିଜ ଗୃହରେ ସ୍ଥାନ ଦେଲେ । କିନ୍ତୁ ବୁଟା ସାହେବ ଓ ତାଙ୍କ ଭାଇ ଫଜଲ୍ ଅହମଦ୍ ସାହେବଙ୍କ ପରିବାର ନିଜ ଘରର ଉପର ମହଲାରେ ଏକ କୋଠରୀରେ ଲୁଚି ରହିଲେ । ଏତିକିବେଳେ ଦୁର୍ବୃତ୍ତମାନେ ଘର ଭିତରେ ପ୍ରବେଶ କରି ଉପର ମହଲା ଯେଉଁଠି ୧୧ଜଣ ମହିଳା ଓ ପିଲାମିଶି ରହିଥିଲେ ତା'ର କବାଟ ଭାଙ୍ଗିବାକୁ ଚେଷ୍ଟା କଲେ । ତାହା ନ ଭାଙ୍ଗିବାରୁ ସେଥିରେ ଲାଗିଥିବା ତା'ଲା ଭିତରେ ଏଲ୍‌ଫି ପକାଇ ତାକୁ ସିଲ୍ କରିଦେଲେ ଯେପରି ଭିତର ପଟୁ ମଧ୍ୟ କବାଟ ନ ଖୋଲିବ । ସେହି କୋଠରିର ଝରକା କାଚ ଭାଙ୍ଗିଦେଲେ ଏବଂ ପ୍ଲାଷ୍ଟିକ ଜିନିଷ ଏକାଠି କରି କବାଟ ଓ ଝରକାର ଠିକ ସାମ୍ନା ଭାଗରେ ନିଆଁ ଲଗାଇଦେଲେ । ତାହାର ବିଷାକ୍ତ ଧୂଆଁ କବାଟ ତଳୁ ଓ ଭଙ୍ଗା ଝରକା ଦେଇ ବନ୍ଦ ହୋଇଥିବା ଘର ଭିତରେ ପଶିବାରୁ ୧୧ଜଣ ଲୋକ ଅଣନିଃଶ୍ୱାସୀ ହେବାରେ ଲାଗିଲା । ସେହି ଅତ୍ୟାଚାରୀମାନେ ନିଆଁ ଲଗାଇ ସାରି ଝରକାରୁ ହାତ ବୁହାଇ ଏହା ଥିଲା ବ୍ୟଙ୍ଗ ବିଦ୍ରୁପର ଏକ ନମୁନା, ଯେଉଁମାନେ ତାଚ୍ଛଲ୍ୟ ଓ କ୍ରୁର ଅଟ୍ଟହାସ୍ୟର ସମସ୍ତ ସୀମା ପାର କରିଯାଇଥିଲେ । ନିଆଁ ଲଗାଇଥିଲେ, ନାଚୁଥିଲେ ହସୁଥିଲେ ଯାହାକୁ ପୋଲିସ ନୀରବ ଦର୍ଶକ ସାଜି ସବୁକିଛି ଦେଖୁଥିଲା, ମଜା ଉଠାଉଥିଲା, ଅଥଚ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିଲା । ତେବେ ଶ୍ୱାସରୁଦ୍ଧ ହୋଇଯିବାରୁ ସେମାନଙ୍କ ମଧ୍ୟରୁ ବୁଶ୍‌ରା ବେଗମ ସାହେବା ଓ ତାଙ୍କର ଦୁଇ ନାତୁଣୀ ହେରା ତଓ୍ୱସୁମ୍ ଓ କାଏନାତ୍ ତଓ୍ୱସୁମ୍ ଶହିଦ୍ ହୋଇଗଲେ । ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହେ ରା ଜେଉନ । ଆକ୍ରମଣ ଏତେ ତୀବ୍ରଥିଲା ଓ ସେମାନେ ଏପରି ନିର୍ଦ୍ଦୟ ଥିଲେ ଯେ ଘଟଣା ସ୍ଥଳରୁ ଆହତମାନଙ୍କୁ ଆମ୍ବୁଲାନ୍‌ସ ଯୋଗେ ଉଠାଇ ନେବାରେ ବାଧା ଦିଆଗଲା, ନିଆଁ ଲିଭାଇବା ସକାଶେ ଆସିଥିବା ଦମକଳ ଗାଡିକୁ କାମରୁ ରୋକାଗଲା ଏବଂ ସେମାନଙ୍କୁ ସେଠାରୁ ତଡି ଦିଆଗଲା । ଅଥଚ କେହି ଜଣେ ହେଲେ ବି ଆକ୍ରମଣକାରୀଙ୍କୁ ରୋକିବାକୁ ଚେଷ୍ଟା କଲେ ନାହିଁ । ଏହାଠାରୁ ବଳି ଅମାନବୀୟ, ଅଭାବନୀୟ ଘଟଣା ଆଉ କଣ ହୋଇପାରେ ?

ସେହି ଘଟଣାରେ ଶହିଦ୍ ହୋଇଥିବା ବୁଶ୍‌ରା ବେଗମ୍ ସାହିବାଙ୍କ ପରିବାରରେ ତାଙ୍କ ଦାଦା ମିଆଁ ଶହାବୁଦ୍ଦିନ୍ ସାହେବ, ଲୋଧି ନଙ୍ଗଲ୍‌ଙ୍କ ଜରିଆରେ ଦ୍ୱିତୀୟ ଖଲିଫାଙ୍କ ସମୟରେ ଅହମଦିୟତ୍ ଗ୍ରହଣ କରିବାର ସୌଭାଗ୍ୟ ମିଳିଥିଲା । ସେହି ମହିଳାଙ୍କ ବିବାହ ଗୁଜ୍‌ରାଁୱାଲାରେ ମୁନିର୍ ଅହମଦ୍ ସାହେବଙ୍କ ସହିତ ହୋଇଥିଲା, ଯାହାଙ୍କର ମାତ୍ର ୬ ମାସ ପୂର୍ବେ ଦେହାନ୍ତ ହୋଇଥିଲା । ୧୯୭୬ ମସିହାରୁ ସେ ଏଠାକୁ ଆସି ସ୍ଥାୟୀ ଭାବେ ରହିଲେ ଏବଂ ତାଙ୍କ ପରିବାରର ପ୍ରଚେଷ୍ଟାରେ ଏହି ଅଂଚଳରେ ଏକ ହଲ୍‌କା (ସାହି) ବସିଲା ଓ ନମାଜ ସେଣ୍ଟର୍ ମଧ୍ୟ ପ୍ରତିଷ୍ଠା ହେଲା । ସେ ଜମାଅତ ସହିତ ଆଜ୍ଞାବହ ହୋଇ ସବୁ ପ୍ରକାର ସାହାଯ୍ୟ ସମର୍ଥନ କରୁଥିଲେ । ନିୟମିତ ଚାନ୍ଦା ଦେବା, ପାଞ୍ଚବେଳା ନମାଜ ଓ ତହଜୁଦ୍ ପଢିବା ସହିତ ଅତ୍ୟନ୍ତ ମେଳାପି ଥିଲେ । ଅତିଥି ସତ୍କାର କରିବାରେ ଅଗ୍ରଣି ଥିଲେ । ଶାହାଦତ୍‌ର

ଦିନକ ଆଗରୁ ସେ ନିଜ ମୋହଲ୍ଲା(ସାହି)ରେ ଅଫ୍‌ତାରୀର ବ୍ୟବସ୍ଥା ମଧ୍ୟ କରିଥିଲେ । ତାଙ୍କ ସହିତ ଶହିଦ ହୋଇ ମୃତ୍ୟୁବରଣ କରିଥିବା ନାତୁଣୀ-ହେରା ତଓ୍ୱସୁମ୍ ସବୁ ଘରମାନଙ୍କୁ ଯାଇ ଅଫ୍‌ତାରୀ ବାଣ୍ଟିଥିଲେ । ସ୍ୱର୍ଗୀୟା ଶହିଦ ମହିଳାଙ୍କର ତିନୋଟି ପୁଅ ଓ ଦୁଇଟି ଝିଅ ଅଛନ୍ତି । ତନ୍ମଧ୍ୟରୁ ଜଣେ ପୁଅ ବୁଟା ସାହେବ ଏବେ ଲଣ୍ଡନରେ ଅଛନ୍ତି, ଯାହାଙ୍କର ଦୁଇଝିଅ ଶହିଦ ହୋଇଛନ୍ତି । ତେବେ ତାଙ୍କର ଅଠର ଘର ବଂଧୁବାନ୍ଧବ ଅଛନ୍ତି, ଯେଉଁମାନେ ବର୍ତ୍ତମାନ ରବ୍‌ୱାରେ ରହୁଛନ୍ତି । ଯେପରି ମୁଁ କହିଛି ଦୁର୍ବୃତ୍ତମାନେ ସାମଗ୍ରୀ ସହିତ ଛଅଟି ଘରକୁ ପୋଡି ଦେଇଛନ୍ତି । ସେମାନେ ହେଲେ ମୁହମ୍ମଦ ଅଫ୍‌ଜଲ୍, ଅସରଫ୍, ବୁଟା ସାହେବ, ସଲିମ୍, ଖଲିଲ ଏବଂ ଫିରୋଜୁଦ୍ଦିନ୍ ସାହେବଙ୍କ ଘର । ଆଉ ଦୁଇଟି ଘର ମାଷ୍ଟର ବଶୀର ଓ ମୋବଶ୍ଶର ସାହେବଙ୍କର, କେବଳ ଗୃହ ସାମଗ୍ରୀ ଘରୁ କାଢି ଜଳାଇ ଦେଇଛନ୍ତି । ନମାଜ ସେଣ୍ଟର୍ ଘରଟି ମଧ୍ୟ ନିଆଁରେ ପୋଡି ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଛି । ସେଥିରେ ଥିବା ପବିତ୍ର କୋରାନ ଓ ଅନ୍ୟାନ୍ୟ ମୂଲ୍ୟବାନ ଆସବାବ ପତ୍ର ମଧ୍ୟ ନଷ୍ଟ କରି ଦିଆଯାଇଛି ।

ତେବେ ଏହା ଥିଲା ଜୁଲୁମ ଓ ନିଷ୍ଠୁର ପଣିଆର ବିଭତ୍ସ ରୂପ । ଅମାନୁଷିକ ଅତ୍ୟାଚରର କରୁଣ କାହାଣୀ । ଏମାନଙ୍କ ପାଇଁ ଅଲ୍ଲାଃ କହିଛନ୍ତି, ଯଦି ସେମାନେ ପ୍ରାୟଶ୍ଚିତ ନ କରିବେ ତା'ହେଲେ ସେମାନଙ୍କ ପାଇଁ ଅଜାବେ ଜହନ୍ନମ (ନରକ ଯନ୍ତ୍ରଣା) ଏବଂ ଅଜାବୁଲ୍ ହରିକ୍ (ଅଗ୍ନି ପ୍ରକୋପିତ ଶାସ୍ତି)କୁ ନିଶ୍ଚିତ କରାଯାଇଛି । ଅଲ୍ଲାଃ ଅମାନ୍ୟକାରୀ ଦଳର ନେତା ଓ ଉସୁକାଉଥିବା ଲୋକମାନଙ୍କୁ ମଧ୍ୟ କଠୋର ଶାସ୍ତି ଦିଅନ୍ତୁ । ଯେଉଁମାନେ ନିଆଁ ଲଗାଇବା କାମରେ ସହଯୋଗ କରିଛନ୍ତି, ସେମାନଙ୍କୁ ଯଥାଶୀଘ୍ର ଦୃଷ୍ଟାନ୍ତ ମୂଳକ ଭାବେ ଦାରୁଣ ଯନ୍ତ୍ରଣା ଦାୟକ ବିନାଶର ପ୍ରକୋପରେ କବଳିତ କରନ୍ତୁ । ଶହୀଦମାନଙ୍କୁ ବୈକୁଣ୍ଠର ଉଚ୍ଚତମ ସୋପାନରେ ସ୍ଥାନ ଅର୍ପଣ କରନ୍ତୁ । ସେମାନଙ୍କ ଶୋକ ସନ୍ତପ୍ତ ପରିବାରକୁ ଧୈର୍ଯ୍ୟ ଓ ସହନଶୀଳତା ପ୍ରଦାନ କରନ୍ତୁ । ଆହତ ହୋଇଥିବା ଅହମଦିମାନଙ୍କୁ ଶୀଘ୍ର ଆରୋଗ୍ୟ କରନ୍ତୁ ଓ କ୍ଷତିଗ୍ରସ୍ତ ହୋଇଥିବା ଆର୍ଥିକ କ୍ଷୟକ୍ଷତିକୁ ଅଲ୍ଲାଃ ନିଜ କୃପା ବଳରେ ଭରଣା କରନ୍ତୁ ଓ ସେମାନଙ୍କୁ ଆହୁରି ଅଧିକ ଧନ ପ୍ରଦାନ କରନ୍ତୁ ।


ଓଡିଆରେ ଉପସ୍ଥାପନା: **ସମୀକ୍ଷା କମିଟି,ଓଡିଶା**

email : roushankhan59@gmail.com

Our Website: www.alislam.org/mta.tv